**ଧାନ ଅମଳ ଯନ୍ତ୍ରରେ ଚାପି ହେଲା ହାତ**

ହିଞ୍ଜିଳିକାଟୁ,୬।୧(ଡି.ଏନ.ଏ.)-ହିଞ୍ଜିଳି ଥାନା ଗିରିଆ ନାରାୟଣପୁର ଗ୍ରାମରେ ଗୁରୁବାର ଧାନ ଅମଳ ଯନ୍ତ୍ର (ଥ୍ରେସର)ରେ ହାତ ପଶି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଗିରିଆ ଗ୍ରାମର ବିନୋଦ ନାୟକ । ଧାନ ଅମଳ ଯନ୍ତ୍ରରେ ବିନୋଦଙ୍କ ପାପୁଲି ହୋଇ ରହିଥିଲା। ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଚକାପାଦ,୬।୧: ଚକାପାଦ ଥାନା ନିକଟ ପାଣ୍ଡିସିମା ବୃତଙ୍ଗ ପୋଲ ନିକଟରେ ବୁଧବାର ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ବିଦ୍ୟାଧର ମୁଦୁଲି । ପୋଲିସ ମୃତଦେହକୁ ଚବତ କରି ଫୁଲବାଣୀ ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ବିଦ୍ୟାଧର ବାଇକ୍‌ରେ ଯିବା ବେଳେ ସାଇକେଲରେ ଆସୁଥିବା ଜଣେ ଛାତ୍ରୀଙ୍କୁ ଧକ୍କା ଦେବାରୁ ସେ ଆହତ ହୋଇଥିଲେ। ପରେ ବାଇକ୍‌ଟି ଏକ ଟ୍ରାକ୍ଟରକୁ ଅତିକ୍ରମ କରିବା ସମୟରେ ଉକ୍ତ ଟ୍ରାକ୍ଟର ଧକ୍କା ଦେବାରୁ ବିଦ୍ୟାଧରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ସେ ଗୁରୁତର ହୋଇ ପଡ଼ିଥିଲେ। ଆହତ ଛାତ୍ରୀ ଓ ବିଦ୍ୟାଧରଙ୍କୁ ବ୍ରାହ୍ମଣ ପାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ବେଳେ ବାଟରେ ବିଦ୍ୟାଧରଙ୍କ ମୃତ୍ୟୁ ଘଟିଥିଲା । ଏନେଇ ଚକାପାଦ ଥାନାରେ ନଂ.୧/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ କହିଛନ୍ତି ।

### ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

ଆସିକା,୬।୧(ଡି.ଏନ.ଏ.): ଆସିକା ବିଜ୍ଞାନ କଲେଜ ଯୁକ୍ତ ୩ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା । କଲେଜ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ମୁଖ୍ୟ ଡ. ଶରତ କୁମାର ଜେନା ଯୋଗଦେଇଥିଲେ । ପାଠଚକ୍ରର ଆଲୋଚ୍ୟ ବିଷୟ ଭାରତୀୟ ସଂଘୀୟ ବ୍ୟବସ୍ଥା ଉପରେ ମୁଖ୍ୟବକ୍ତା ଜେନାଙ୍କ ସମେତ ଡ. ଅଭୟ କେଶରୀ ପରିଛା ପଟ୍ଟନାୟକ, ପ୍ରଦୀପ ଶବର, ଅନିଲ ପ୍ରଧାନ ଏବଂ ଯୁକ୍ତ୩ ଶେଷ ବର୍ଷ ଛାତ୍ର ପବିତ୍ର କୁମାର ପାତ୍ର ଅଭିଭାଷଣ ପ୍ରଦାନ କରିଥିଲେ ।

### ହିଞ୍ଜିଳିକାଟୁ ପ୍ରିମିୟର ଲିଗ୍, ବେଗୁନିଆପଡ଼ା ଟିମ୍ ବିଜୟୀ

ହିଞ୍ଜିଳିକାଟୁ,୬।୧(ଡି.ଏନ.ଏ.):ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠ ମିନି ଷ୍ଟାଡ଼ିୟମରେ ଚାଲିଥିବ ହିଞ୍ଜିଳିକାଟୁ ପ୍ରିମିୟର କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଶେରଗଡ଼ର ରାଜବଂଶ କ୍ରିକେଟ କ୍ଲବ ଓ ବେଗୁନିଆପଡାର ପାୟୋନିୟର କ୍ରିକେଟ କ୍ଲବ ମଧରେ ହୋଇଥିଲା। ଶେରଗଡ଼ ଟିମକୁ ୬ ଉଇକେଟରେ ହରାଇ ବେଗୁନିଆପଡା ଟିମ୍ ବିଜୟୀ ହୋଇଛି। ଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ପୌରାଞ୍ଚଳ ପ୍ରତିନିଧି ସଞ୍ଜୟ କୁମାର ପଣ୍ଡା ଯୋଗଦେଇ ବେଗୁନିଆପଡା ଦଳର ଚନ୍ଦନ ପ୍ରଧାନ ଓ ସନ୍ତୋଷ ପଣ୍ଡାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ପାଢ଼ୀ ଓ ବିଷ୍ଣୁ ପଣ୍ଡା ଅମ୍ପାୟର ଦାୟିତ୍ୱରେ ଥିବା ବେଳେ ସୁରଜ ସାବତ, ଅମୂଲ୍ୟ ପଣ୍ଡା, ରାକେଶ, ଜିତୁ, ଜଗନ ଡାକୁଆ,ବସନ୍ତ ଗଉଡ, ସଚିନ, ସିମାଞ୍ଚଳ,କାହ୍ନା, ପ୍ରଶାନ୍ତ ପ୍ରଧାନଙ୍କ ସମେତ ଆୟୋଜକ ଇଗଲ କ୍ରିକେଟ କ୍ଲବର ସଦସ୍ୟ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

### ନଷ୍ଟ କରାଗଲା ବ୍ୟାପକ ଗଞ୍ଜେଇ ଗଛ

ନୂଆଗଡ,୬।୧(ଡି.ଏନ୍.ଏ.):ଗଜପତି ଜିଲା ଆର୍.ଉଦୟଗିରି ଥାନା ପକ୍ଷରୁ ନୂଆଗଡ଼ ବ୍ଲକ ଅନ୍ତର୍ଗତ କିରାମା ପଞ୍ଚାୟତର ପେଡ଼ିକାପଦର ଗ୍ରାମାଞ୍ଚଳରେ ପ୍ରାୟ ୧୧୭.୭୫ ଏକର ଜମିରେ ବେଆଇନ ଭାବେ ୨ଲକ୍ଷ ୩୫ ହଜାର ୫ ଶହ ଗଞ୍ଜେଇ ଗଛ ଲଗାଯାଇଥିଲା। ଅବକାରୀ, ପୋଲିସ, ବନବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ଗଛଗୁଡ଼ିକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ଏ ନେଇ ଥାନାରେ ନଂ.୨/୨୨ରେ ମାମଲା ରୁଜୁ କରାଯାଇଛି। ନଷ୍ଟ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୩ କୋଟି ୫୫ଲକ୍ଷ ଟଙ୍କା ହେବ ବୋଲି ଆର୍.ଉଦୟଗିରି ଥାନାଧିକାରୀ ରବୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଆର.ଉଦୟଗିରି ତହସିଲଦାର ନାରାୟଣ ବେହେରା, ସମ୍ବଲପୁର ଅମିନ ତପନ କୁମାର ସାହୁ ଉପସ୍ଥିତ ଥିଲେ।

### ମିଶନ ଶକ୍ତି ଗୃହର ଭିତ୍ତିପ୍ରସ୍ତର

ବୁଗୁଡା,୬।୧(ଡି.ଏନ.ଏ.):ବୁଗୁଡ଼ା ମଦନ ମୋହନ ଛକ ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମୟ ପାତ୍ର, ସହକାରୀ ଯନ୍ତ୍ରୀ ରମେଶ କୁମାର ଚୌଧୁରୀ, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା, ଚିତ୍ରସେନ ପ୍ରଧାନ, ଗଙ୍ଗାପାଣି ଜେନା, ପ୍ରମୋଦ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ବହୁ ଜନପ୍ରତିନିଧି ଏବଂ ଜନସାଧାରଣ ଉପସ୍ଥିତ ରହିଥିଲେ।

# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ

## ପାଣ୍ଡରାବାଡିକୁ ରାଜସ୍ୱ ଗ୍ରାମ, ଆଡାସିପଡାରେ ମୋବାଇଲ ନେଟୱର୍କ ଦାବି

ଫୁଲବାଣୀ ଅଫିସ/ବଲସକୁମ୍ପା,୬।୧

ଖଜୁରିପଡା ବ୍ଲକ ଆଡାସିପଡା ପଞ୍ଚାୟତ ପାଣ୍ଡରାବାଡିକୁ ରାଜସ୍ୱ ଗ୍ରାମ ମାନ୍ୟତା ଏବଂ ଆଡାସିପଡାରେ ମୋବାଇଲ ନେଟୱର୍କ ସୁବିଧା କରା ନ ଗଲେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ଗ୍ରାମବାସୀ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଗୁରୁବାର ଏ ସଂକ୍ରାନ୍ତରେ ଜିଲାପାଳଙ୍କୁ ପୃଥକ ଦାବିପତ୍ର ପ୍ରଦାନ କରାଯାଇଛି।

ପାଣ୍ଡରାବାଡି ଗ୍ରାମ ଅବହେଳିତ ହୋଇ ରହିଥିବା ବେଳେ ବାରମ୍ବାର ଦାବି ପରେ ମଧ ଏହାକୁ ରାଜସ୍ୱ ଗ୍ରାମର ମାନ୍ୟତା ମିଳୁନାହିଁ । ଫଳରେ ସରକାରଙ୍କ ବହୁବିଧ ଯୋଜନା ଏଠାରେ କାର୍ଯ୍ୟାକରୀ ହୋଇପାରୁ ନାହିଁ । ତେଣୁ ତୁରନ୍ତ ଏହି ପଡା ଗ୍ରାମକୁ ରାଜସ୍ୱ ଗ୍ରମର ମାନ୍ୟତା ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ।

ସେହିପରି ଆଡାସିପଡା ପଞ୍ଚାୟତରେ ନେଟୱର୍କ ସମସ୍ୟା ଲାଗି ରହିଛି । ଏ ନେଇ ବହୁବାର ଜିଲା ପ୍ରଶାସନକୁ ଅବଗତ କରାଯାଇଥିଲେ ବି ସମସ୍ୟା ପ୍ରତି ଦୃଷ୍ଟି ଦିଆ ଯାଉନାହିଁ। ନେଟୱର୍କ ସମସ୍ୟା ଯୋଗୁ ଜରୁରୀକାଳୀନ ସେବା ମିଳିପାରୁନାହିଁ। କାହାର ଦେହ ଖରାପ ହେଲେ ଆମ୍ବୁଲାନ୍ସକୁ ଯୋଗାଯୋଗ ହୋଇପାରୁନାହିଁ। ସେହିପରି ନେଟୱର୍କ ନ ଥିବାରୁ ପିଲାମାନେ ନ ଲାଇନ ପଢ଼ି ପାରୁ ନାହାନ୍ତି। ବାଧ ହୋଇ ପିଲାମାନେ ପାହାଡ, ଗଛ ଉପରକୁ ଯାଇ ନେଟୱର୍କ ଖୋଜୁଛନ୍ତି। ଏସବୁ ସମସ୍ୟାର ସମାଧାନ ନ ହେଲେ ନିର୍ବାଚନ ବର୍ଜନ କରାଯିବ ବୋଲି ସରପଞ୍ଚ ଜେମାଦେଇ ପ୍ରଧାନଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି। ପୂର୍ବତନ ସରପଞ୍ଚ ବନମାଳୀ ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଆପ୍‌ର ଗଜପତି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୬।୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡି କରଣ ସାହିଠାରେ ଆମ ଆଦ୍‌ମୀ ପାର୍ଟି(ଆପ୍)ର ଗଜପତି ଜିଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦଳର ଜିଲା ଆବାହକ ଶିଶିର କୁମାର ଭଞ୍ଜ ସାମନ୍ତଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଆବାହକ ସୁବାସ ଚନ୍ଦ୍ର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ଆବାହକ ଭଞ୍ଜ ସାମନ୍ତଙ୍କ ସମେତ ଜିଲା ସଭାନେତ୍ରୀ ଶୈଳବାଳା ପଣ୍ଡା, କିଶୋର ଚନ୍ଦ୍ର ଗୁରୁ, ଲିଙ୍ଗରାଜ ପାଣିଗ୍ରାହୀ, ଗୁମ୍ମା ବ୍ଲକ ଆବାହକ ବୋୟାଜ ବେବର୍ତ୍ତା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବ୍ଲକ ଓ ପୌରପାଳିକାରୁ ଆସିଥିବା ଦଳୀୟ କର୍ମୀଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଉପଯୁକ୍ତ ପ୍ରାର୍ଥୀ ଚୟନ ସହ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବା ପାଇଁ କହିଥିଲେ। ଏହି ଅବସରରେ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ କିଛି ନୂଆ କର୍ମୀ ଦଳରେ ଯୋଗ ଦେଇଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ନୂଆଗଡ,୬।୧(ଡି.ଏନ୍.ଏ.)

ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରିପଦାସ୍ଥିତ ବାବା ସାହେବ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡିଆରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲବଣ୍ୟେନ୍ଦୁ ମହାନ୍ତି ଶିବିରକୁ ଉଦଘାଟନ କରିଥିଲେ। ୨୩୭ ଜଣ ଭିନ୍ନକ୍ଷମ ଏଥିରେ ନାମ ପଞ୍ଜିକୃତ କରିଥିଲେ। ଶିବିରରେ ଭିନ୍ନକ୍ଷମମାନଙ୍କୁ ବସ ଓ ଟ୍ରେନ ପାସ, ଟ୍ରାଇ ସାଇକେଲ, ବଧିର ଯନ୍ତ୍ର ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଆଧାରିତ ପାସ ଦିଆଯାଇଥିଲା। ଏଥିସହ ୧୮ବର୍ଷରୁ ଅଧିକ ବର୍ଗର ଟିକା ଗ୍ରହଣ କରି ନ ଥିବା ଲୋକଙ୍କୁ କରୋନା ଟିକା ଦିଆଯାଇଥିଲା। ଡିଏସଏସ କଲ୍ୟାଣୀ ଦାସଙ୍କ ସମେତ ନୂଆଗଡ ଆଡିଶନାଲ ତହସିଲଦାର ଡ଼. ସାନ୍ତନୁ କୁମାର ପାଢ଼ୀ, ଡ଼.ସମୀର ଦାସ ପ୍ରମୁଖ ଯୋଗଦେଇଥିଲେ।



ଶିବିରରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

# ଘୁମୁସର ବନଖଣ୍ଡରେ ପକ୍ଷୀଗଣନା

ଭଞ୍ଜନଗର,୬।୧(ଡି.ଏନ.ଏ.)

ଭଞ୍ଜନଗର ଘୁମୁସର ଉତ୍ତର ଓ ଦକ୍ଷିଣ ବନଖଣ୍ଡରେ ବୁଧବାର ପକ୍ଷୀ ଗଣନା କରାଯାଇଛି । ଏହି ଦୁଇ ବନଖଣ୍ଡ ଅନ୍ତର୍ଗତ ୧୦ଟି ବନାଞ୍ଚଳର ବିଭିନ୍ନ ଜଳାଶୟରେ ବନ କର୍ମଚାରୀମାନେ ପକ୍ଷୀ ଗଣନା କରିଛନ୍ତି । ଭୋରରୁ ପକ୍ଷୀ ଗଣନା ଆରମ୍ଭ ହୋଇ ମଧ୍ୟାହ୍ନରେ ଶେଷ ହୋଇଥିଲା। ଦକ୍ଷିଣ ବନଖଣ୍ଡ ୫ଟି ରେଞ୍ଜର ୨୧ଟି ସେକ୍ସନରେ ୩୮ ଟିମ ବିଭିନ୍ନ ଜଳାଶୟ ନିକଟରେ ପକ୍ଷୀ ଗଣନା କରିଥିବା ଡିଏଫଓ ଦିଲୀପ କୁମାର ରାଉତ ପ୍ରକାଶ କରିଛନ୍ତି। ଚଳିତ ବର୍ଷ କିଛି ନୂତନ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବା ଜଣାପଡିଛି। ରିପୋର୍ଟ ଆସିଲେ ପ୍ରକୃତ ସଂଖ୍ୟା ଜଣାପଡିବ ବୋଲି ସେ କହିଛନ୍ତି। ସେହିପରି ଉତ୍ତର ବନଖଣ୍ଡର ୫ ଟି ରେଞ୍ଜରେ ୨୪ଟି ଟିମରେ ପ୍ରାୟ ୯୦ ଜଣ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ପକ୍ଷୀ ଗଣନା ନେଇ ବନ କର୍ମଚାରୀଙ୍କୁ ପୂର୍ବରୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହ ଆସନ୍ତା ୧୦ ତାରିଖ ମଧରେ ସମସ୍ତ ବନାଞ୍ଚଳରୁ ରିପୋର୍ଟ ଆସି ପହଞ୍ଚିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଶ୍ରୀରାମ କଲେଜରେ ନବାଗତଙ୍କୁ ସ୍ୱାଗତ, ବାର୍ଷିକ କ୍ରୀଡ଼ା

କାଶୀନଗର,୬।୧(ଡି.ଏନ୍.ଏ.)

ଶ୍ରୀରାମ ଯୁକ୍ତ ୩ ମହାବିଦ୍ୟାଳୟ ତରଫରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଅଧକ୍ଷ ଡ଼. ପ୍ରଶାନ୍ତ ବାନାପିଲିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କ'ଣ ପଦକ୍ଷେପ ନେବାକୁ ପଡ଼ିବ, ଆଗାମୀ ଦିନରେ କିଭଳି ସେମାନେ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିବେ ସେ ବିଷୟରେ ସମ୍ୟକ୍ ଧାରଣା ଦିଆଯାଇଥିଲା । ଶ୍ରେଣୀ ପାଠପଢ଼ା ପ୍ରତି ଧାନ ଦେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ କଲେଜର ଅଧାପିକା, ଅଧାପକ ଭାଗ୍ୟଲକ୍ଷ୍ମୀ ପଟ୍ଟନାୟକ, ସୁରେଷ ବିଶୋୟୀ, ସୁସ୍ମିତା ପାଣିଗ୍ରାହୀ, ପି.ଭେଙ୍କେଟରାମଣ, ପି. ଭେଙ୍କଟ ରାଓ, ବିଶ୍ୱରଞ୍ଜନ ଗୌଡ଼, ଏମ.ଗଙ୍ଗାଧର ରାଓ, ଜୟନ୍ତ ମିଶ୍ର, ଶିବରାମ ବୈଦ୍ୟ, ଜି.ସୁଧାରାଣୀ, ସନ୍ତୋଷ କୁମାର ପାତ୍ର, ଗଣେଶ ବେହେରା, ଦେବକାନ୍ତ ମିଶ୍ର, କେ. ରାମକ୍ରିଷ୍ଣା ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସେହିପରି ଅଧକ୍ଷ ବାନାପିଲିଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ଡ଼ମ୍ବସରା ଆଞ୍ଚଳିକ ଯୁକ୍ତ ୩ ମହାବିଦ୍ୟାଳୟର ଅଧକ୍ଷ ଡ଼. କୃଷ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପ୍ରଥମେ ଏକ ମଶାଲ ଶୋଭାଯାତ୍ରା କଲେଜର ପଡ଼ିଆ ନିକଟକୁ ଆସିବା ପରେ ମୁଖ୍ୟଅତିଥିଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶୁକ୍ରବାର କ୍ରୀଡ଼ା ଉଦଯାପିତ ହେବ। କଲେଜ କ୍ରୀଡ଼ା ଶିକ୍ଷକ ରାମଚନ୍ଦ୍ର ବେହେରାଙ୍କ ଦ୍ୱାରା ବିଭିନ୍ନ ଇଭେଣ୍ଟଗୁଡ଼ିକ ଖେଳାଯାଇଥିଲା। କଲେଜର ସମସ୍ତ ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।





ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ନୂଆଗଡ଼ରେ ଶୀତର ପ୍ରକୋପ ବୃଦ୍ଧି

ନୂଆଗଡ,୬।୧(ଡି.ଏନ୍.ଏ.)

ଗଜପତି ଜିଲା ନୂଆଗଡ ବ୍ଲକରେ ଶୀତର ପ୍ରକୋପ ବୃଦ୍ଧି ପାଉଥିବାରୁ ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। ଏଠାରେ ତାପମାତ୍ରା ପ୍ରାୟ ୧୦ରୁ ୧୩ ଡିଗ୍ରୀ ମଧରେ ରହୁଛି। ହାଡ଼ଭଙ୍ଗା ଶୀତରେ ନୂଆଗଡ ସମେତ ଖ ଖାଲରସିଂ ଅଞ୍ଚଳ ଥରି ଉଠୁଛି। ଲୋକେ ସକାଳ ୯ଟା ଯାଏ ଘରୁ ବାହାରିପାରୁନାହାନ୍ତି। ଅନ୍ୟପକ୍ଷରେ କେତେକ ଶରୀରକୁ ଫୁର୍ତ୍ତି ରଖିବାକୁ ବ୍ୟାୟମ କରୁଛନ୍ତି। ସକାଳୁ କୁହୁଡି ଓ ଶୀତର ମଜା ନେଉଛନ୍ତି। ଚା' ଦୋକାନରେ ଲୋକଙ୍କ ଭିଡ ଜମୁଛି। ଜାଡ଼ରୁ ରକ୍ଷା ପାଇଁ ଶୀତ ବସ୍ତ୍ରର ଚାହିଦା ବଢୁଛି। ଲୋକେ ନିଆଁ ଚାରିପାଖେ ବସି ରହୁଥିବା ଦେଖାଯାଉଛି। ପାହାଡ ବୃକ୍ଷଲତା ଉପରେ କୁହୁଡ଼ିର ଆସ୍ତରଣ ଓ ଶିଶିର ଟୋପା ପ୍ରକୃତି ପ୍ରେମୀଙ୍କୁ ଆମୋଦିତ କରୁଛି। ସେହିପରି ଅପରାହ୍ନ ୪ଟା ପରଠାରୁ ଶୀତ ଆରମ୍ଭ ହୋଇଯାଉଛି।

## ନଷ୍ଟ କରାଗଲା ବ୍ୟାପକ ଗଞ୍ଜେଇ ଗଛ

ନୂଆଗଡ,୬।୧(ଡି.ଏନ୍.ଏ.)

ଗଜପତି ଜିଲା ଆର୍.ଉଦୟଗିରି ଥାନା ପକ୍ଷରୁ ନୂଆଗଡ଼ ବ୍ଲକ ଅନ୍ତର୍ଗତ କିରାମା ପଞ୍ଚାୟତର ପେଡ଼ିକାପଦର ଗ୍ରାମାଞ୍ଚଳରେ ପ୍ରାୟ ୧୧୭.୭୫ ଏକର ଜମିରେ ବେଆଇନ ଭାବେ ୨ଲକ୍ଷ ୩୫ ହଜାର ୫ ଶହ ଗଞ୍ଜେଇ ଗଛ ଲଗାଯାଇଥିଲା। ଅବକାରୀ, ପୋଲିସ, ବନବିଭାଗ ଓ ରାଜସ୍ୱ ବିଭାଗ ମିଳିତ ଭାବେ ଚଢ଼ାଉ କରି ଗଞ୍ଜେଇ ଗଛଗୁଡ଼ିକୁ କାଟି ପୋଡ଼ି ନଷ୍ଟ କରାଯାଇଛି। ଏ ନେଇ ଥାନାରେ ନଂ.୨/୨୨ରେ ମାମଲା ରୁଜୁ କରାଯାଇଛି। ନଷ୍ଟ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୩ କୋଟି ୫୫ଲକ୍ଷ ଟଙ୍କା ହେବ ବୋଲି ଆର୍.ଉଦୟଗିରି ଥାନାଧିକାରୀ ରବୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଆର.ଉଦୟଗିରି ତହସିଲଦାର ନାରାୟଣ ବେହେରା, ସମ୍ବଲପୁର ଅମିନ ତପନ କୁମାର ସାହୁ ଉପସ୍ଥିତ ଥିଲେ।

# ବ୍ଲକ ସମ୍ମୁଖରେ ହେବ ମିଶନ ଶକ୍ତି ଭବନ

ଭଞ୍ଜନଗର,୬।୧(ଡି.ଏନ୍.ଏ.)

ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡିକର ଉନ୍ନତି ପାଇଁ ରାଜ୍ୟ ସରକାର ପଞ୍ଚାୟତ ଏବଂ ବ୍ଲକ ହେଡକ୍ୱାର୍ଟର ଗୁଡିକରେ ମିଶନ ଶକ୍ତି ଭବନ ନିର୍ମାଣ କରିବେ। ଭଞ୍ଜନଗର ବ୍ଲକରେ ମଧ ବିଭିନ୍ନ ସ୍ଥାନରେ ମିଶନ ଶକ୍ତି କୋଠା ନିର୍ମାଣ ହେବ। ଭଞ୍ଜନଗର ବ୍ଲକ କାର୍ଯ୍ୟାଳୟ ନିକଟରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏହି କୋଠା ନିର୍ମାଣ ହେବାକୁ ଥିବାବେଳେ ରବିବାର ଏହାର ଶିଳାନ୍ୟାସ କରାଯିବ। ଏହାପୂର୍ବରୁ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ତହସିଲଦାର ଆଲୋକ ପ୍ରଧାନ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ରମେଶ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏଲ. କେ. ମହାନ୍ତି ପ୍ରମୁଖ ଗୁରୁବାର ଚିହ୍ନଟ ସ୍ଥାନ ଅନୁଧ୍ୟାନ କରିଛନ୍ତି। ରବିବାର ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଟ୍ରିଟମେଣ୍ଟ ପ୍ଲାଣ୍ଟର ମଧ ଶିଳାନ୍ୟାସ ହେବ।



ଉପଜିଲାପାଳ ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି।

# କିଡ଼ିଗାଁରେ ହାତୀ ଉପଦ୍ରବ

କାଶୀନଗର,୬।୧(ଡି.ଏନ୍.ଏ.)

କାଶୀନଗର ବ୍ଲକ କିଡ଼ିଗାଁରେ ହାତୀ ଉପଦ୍ରବ ଚଳାଇଛନ୍ତି। ୪ଟି ହାତୀ ଆନ୍ଧ୍ରପ୍ରଦେଶ ତାଲଡ଼ା ଗ୍ରାମରୁ ରାତ୍ରିରେ ବଂଶଧାରା ନଦୀ ପାର ହୋଇ କିଡ଼ିଗାଁ ପଞ୍ଚାୟତ ଭେଙ୍କଟାପୁରରେ ପଶି ଅମଳ ଧାନ ଖାଇଯାଉଛନ୍ତି। ଫଳରେ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ଅମଳ ଧାନକୁ ଘୋଡ଼ାଇ ରଖିବାକୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ସେପଟେ ହାତୀ ଯୋଗୁ ଗ୍ରାମବାସୀ ଭୟଭୀତ ରହିଛନ୍ତି। ଧାନ ଓ ଗ୍ରାମବାସୀଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଯୌତୁକଜନିତ ହତ୍ୟା ଅଭିଯୋଗ

ଖଲ୍ଲିକୋଟ,୬।୧(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ସମଲ ଗ୍ରାମରେ ଅଧିକ ଯୌତୁକ ଦାବିରେ ବଧୂହତ୍ୟା ହୋଇଥିବା ଅଭିଯୋଗ ହୋଇଛି। ମୃତ ବଧୂ ହେଲେ ତେନ୍ତୁଳିଆପଡ଼ା ଗ୍ରାମର ପୀତବାସ ବେହେରାଙ୍କ ଝିଅ ତପସ୍ୱିନୀ। ଖଲ୍ଲିକୋଟ ଥାନାରେ ତପସ୍ୱିନୀଙ୍କ ବାପା ଏ ନେଇ ଏତଲା ଦେଇଛନ୍ତି। ତପସ୍ୱିନୀଙ୍କୁ ସମଲ ଗ୍ରାମର ସାଗର ଜାଲି ୧୦ ବର୍ଷ ହେବ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ ଜାନି ଯୌତୁକ ଦିଆଯାଇଥିଲା। ଗୁରୁବାର ସାଗରଙ୍କ ଘରୁ ତପସିନୀଙ୍କ ବାପା ପିତବାସଙ୍କ ପାଖକୁ ତୁମ ଝିଅ ଆତ୍ମହତ୍ୟା କରିଥିବା ନେଇ ଫୋନ ଯାଇଥିଲା। ପୂର୍ବରୁ ଝିଅର ଶ୍ୱଶୁର ଘର ଲୋକେ ୫୦ ହଜାର ଟଙ୍କା ଯୌତୁକ ଦାବି କରି ଝିଅକୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିବା ବାପା ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ନଂ.୧୮/୨୨ ମକଦ୍ଦମା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ସ୍ୱାମୀ ସାଗର ଜାଲିଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରହିଛି।

## ଶର୍ଟ ସର୍କିଟରୁ ଦୋକାନରେ ଅଗ୍ନିକାଣ୍ଡ

କ.ନୂଆଗାଁ,୬।୧(ଡି.ଏନ.ଏ.)

କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ଗ୍ରାମ ଚଞ୍ଚଳାସାହି ଛକ ଠାରେ ଥିବା ଟୁନା ମିଶ୍ରଙ୍କ ଦୋକାନରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଫ୍ରିଜ୍ ଓ ଅନ୍ୟାନ୍ୟ ଜିନିଷ ପୋଡ଼ିଯାଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ନିଆଁ ଲାଗିବା ପରେ ଚଞ୍ଚଳା ସାହି ଛକର ଲୋକେ ଆସି ପ୍ରଥମେ ନିଆଁ ଆୟତ କରିଥିଲେ। ଖବରପାଇ ତୁରନ୍ତ ସାରଙ୍ଗଡ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇ ଥିଲେ । ଦୋକାନ ମାଲିକ ଟୁନା ମିଶ୍ର ବ୍ୟାଙ୍କ ଋଣ ଆଣି ଦୋକାନ ଚଳାଇ ପରିବାର ପୋଷଣ କରୁଥିଲେ ।

# ନୂତନ ସବ୍‌ଜଜ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୬।୧(ଡି.ଏନ.ଏ.)

ଖଲ୍ଲିକୋଟ କୋର୍ଟ ପରିସରରେ ବୁଧବାର ନୂତନ ଭାବେ ଯୋଗ ଦେଇଥିବା ସବଜଜ୍ ଜୟପ୍ରକାଶ ନାଏକଙ୍କୁ ବାର୍ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଖଲ୍ଲିକୋଟ ବାର୍ ସମ୍ପାଦକ ଜ୍ୟୋତିଷ କୁମାର ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଆଡିଶନାଲ ଡିଷ୍ଟ୍ରିକ୍ ଜଜ୍ (ଏଡିଜେ) ଆଶୁତୋଷ ଦାଶ, ଜେଏମଏଫସି ଶିବାନୀ ମିଶ୍ର, ବାର ସହସମ୍ପାଦକ ସନ୍ତୋଷ ମିଶ୍ର ମଞ୍ଚାସୀନ ଥିଲେ। ଏଡିଜେ ଦାସ ଖଲ୍ଲିକୋଟ ବାରର ପ୍ରଶଂସା କରିବା ସହ କିପରି ମକଦ୍ଦମାଗୁଡ଼ିକ ଶୀଘ୍ର ଫଇସଲା ହୋଇପାରିବ ଓକିଲମାନେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ନୂତନ ସବଜଜ୍ ଖଲିକୋଟ ବାର ଓ ବେଞ୍ଚର ସୁସମ୍ପର୍କର ଗୁରୁତ୍ୱ ଦେବା ସହ ସାଧାରଣ ଜନତା ଯେପରି ନ୍ୟାୟ ପାଇବେ ଉଦ୍ୟମ କରିବାକୁ ହେବ ବୋଲି କହିଥିଲେ। ସେହିପରି ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ରଥ, ପ୍ରଶାନ୍ତ ପଣ୍ଡା, ସୀମାଞ୍ଚଳ ବେହେରା ପ୍ରମୁଖ ଖଲ୍ଲିକୋଟ ବାରର ସମ୍ମାନକୁ ବଜାୟ ରଖିବା ପାଇଁ ମତ ରଖିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା ସଭା।

## ଗଞ୍ଜାମ ଏନଏସି ଦାୟିତ୍ୱ ନେଲେ ତହସିଲଦାର

ଗଞ୍ଜାମ,୬।୧(ଡି.ଏନ.ଏ.)

ଗଞ୍ଜାମ ଏନଏସିରେ ନୂତନ ଭାବେ ଅରୁଣ କୁମାର ନାୟକ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଏନ୍ଏସି ନିର୍ବାହୀ ଅଧିକାରୀ ରୋନିତ କୁମାରଙ୍କ ଅସୁସ୍ଥତା ଯୋଗୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଏହି ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ନେବାପରେ ଏନଏସି କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଡାକି ଏକ ଆଲୋଚନା ବୈଠକ କରିଥିଲେ। ଏଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଟେଣ୍ଡର ହୋଇଥିବା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ତହସିଲଦାର ବିଭିନ୍ନ ଦୋକାନରେ ପଞ୍ଚସୂତ୍ର ପାଳନ ଏବଂ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଆଇ ଲଭ ୟୁ ଗଞ୍ଜାମ ପାଇଁ ସ୍ଥାନ ଚିହ୍ନଟ କରିଥିଲେ ତହସିଲଦାର। ବୈଠକରେ ଦୀପ୍ତି ରଞ୍ଜନ ପୃଷ୍ଟି, ସ୍ୱପ୍ନାରାଣୀ ମହାପାତ୍ର, ବିଷ୍ଣୁ ପ୍ରିୟା ସାବତ, ଭଗ୍ୟଶ୍ରୀ ନାୟକ, ମିଳନ ମୁର୍ମୁ, ଜଗତ ଜ୍ୟୋତି ସାମଲ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଜାଗ୍ରତ କନ୍ଧମାଳର ସଚେତନତା ଶିବିର

ଫୁଲବାଣୀ ଅଫିସ, ୬।୧

ଫିରିଙ୍ଗିଆ ବ୍ଲକ ବନ୍ଧଗଡ ମା' ବରାଳଦେବୀଙ୍କ ପଡିଆରେ ଜାଗ୍ରତ କନ୍ଧମାଳର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଓ ସଂଖ୍ୟା ଲଘୁଙ୍କ ସମ୍ବିଧାନିକ ଅଧିକାର ଉପରେ ଆଲୋଚନା କରାଯାଇଥିଲା । ପ୍ରେମାନନ୍ଦ ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ମିଡିଆ ଫୋରମ ସଭାପତି ସୁନୀଲ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଜାଗ୍ରତ କନ୍ଧମାଳ ଓଡ଼ିଶା ସଭାପତି ପ୍ରଶାନ୍ତ ମହାନ୍ତି, ସଂଗଠନର ଉପଦେଷ୍ଟା ଶ୍ୱେତାବନ ପୂଜାରୀ, ଅଙ୍ଗଦ ବେହେରା, ବନ୍ଧଗଡ଼ ପୂର୍ବତନ ସରପଞ୍ଚ ଅନିଲ କହଁର, ସଂଗଠନର ସହସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ପଛୁଆବର୍ଗଙ୍କ ଜାତି ଗଣନା ୧୯୩୧ ମସିହା ଠାରୁ ଆଜି ପର୍ଯ୍ୟନ୍ତ କରା ନ ଯିବା ଓ ସେମାନଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯିବା ଦୁଃଖର ବିଷୟ ବୋଲି ସଂଗଠନ ସାଧାରଣ ସମ୍ପାଦକ ତଥା ଆଇନଜୀବୀ ସତ୍ୟନାରାୟଣ ବେହେରା ମତବ୍ୟକ୍ତ କରିଥିଲେ। ଶିବିରରେ ୨୫୦ ରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତି, ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟା ଲଘୁ ସମ୍ପ୍ରଦାୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ଗ୍ରାମର ଦେହୁରୀ, ପୂଜକ, ଜାନୀ, ମାଟି ଗୁରୁ, କଳାକାର ମାନଙ୍କୁ ମାନପତ୍ର ଏବଂ ଉତ୍ତରୀୟ ଦିଆଯାଇ ସମ୍ମାନିତ କରା ଯାଇଥିଲା। ଯୋଗେଶ ଦିଆଲ ଧନ୍ୟବାଦ ଦେଇଥିଲେ।

## ବୋମା ଫିଙ୍ଗି ମହିଳା ଆହତ ଘଟଣାରେ ଅଭିଯୁକ୍ତ ଗିରଫ

ଖଲ୍ଲିକୋଟ,(ଡି.ଏନ.ଏ.): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ଗ୍ରାମରେ ୨୦୦୨ରେ ବୋମା ଫିଙ୍ଗି ଜଣେ ମହିଳାଙ୍କ ହାତ କଟି ଯାଇଥିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ ପରେ କୋର୍ଟଚାଲାଣ ହୋଇଛନ୍ତି। ସେ ହେଲେ ଲଙ୍ଗଳେଶ୍ୱର ଗ୍ରାମର ମିଟୁ ଦଳେଇ । ସୂଚନାନୁଯାୟୀ, ମିଟୁ ଗ୍ରାମ ବିବାଦରୁ ବୋମା ଫିଙ୍ଗିଥିଲେ। ଫଳରେ କୌତିକ ନାହାକ କ୍ଷତାକ୍ତ ହୋଇ ତାଙ୍କ ଡାହାଣ ହାତ କଟି ଯାଇଥିଲା। ସେସନ୍ସ ଟ୍ରାଏଲ ନଂ. ୧୮୨/୨୦୦୯ ଚାଲିଥିଲା। ଘଟଣା ଦିନରୁ ଅଭିଯୁକ୍ତ ଫେରାର ଥିଲେ। ମିଟୁ ଲଙ୍ଗଳେଶ୍ୱର ଆସିଥିବା ଖବର ପାଇ ଖଲ୍ଲିକୋଟ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ସଂକ୍ଷେପରେ

## ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୬।୧: ଫାଷ୍ଟ ଟ୍ରାକ ପୋକ୍‌ସୋ ଜଜ୍ ଗୁରୁ ପ୍ରସାଦ ସାହୁ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ପୁରୁଷୋତ୍ତମପୁର ଅଞ୍ଚଳର ଗଗନ ପଲାଇ। ପ୍ରକାଶ ଯେ, ୨୦୧୫ ଅଗଷ୍ଟ ୨୬ରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳରୁ ଜନୈକା ନାବାଳିକାଙ୍କୁ ଜଣେ ଯୁବକ ଅପହରଣ କରି ନେଇ ଯାଇଥିଲେ। ଏନେଇ ପୀଡିତାଙ୍କ ପରିବାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୧୧/୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଘଟଣାର କିଛିଦିନ ପରେ ପୋଲିସ ପୀଡିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗଗନଙ୍କୁ ଗିରଫ କରିଥିଲା। ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କିଛିମାସ ପରେ ଅଭିଯୁକ୍ତ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ଗଗନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୧ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଭବାନୀ ପ୍ରସାଦ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ମହିଳା ବିଜେଡିର ବୈଠକ

ଛତ୍ରପୁର,୬।୧(ଡି.ଏନ.ଏ.): ଛତ୍ରପୁର ଶିବ କୁମାର ପଟ୍ଟନାୟକ ରିଡିଂ ରୁମଠାରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ମହିଳା ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା କହିଥିଲେ। ୨୦୦୨ରୁ ଆରମ୍ଭ ହୋଇଥିବା ମିଶନଶକ୍ତି ଏବେ ସଫଳତାର ଶୀର୍ଷରେ ପହଞ୍ଚିଛି। ୨୦୧୯ ସାଧାରଣ ନିର୍ବାଚନରେ ସଂସଦକୁ ମହିଳାମାନଙ୍କୁ ବିଜେଡି ୩୩ ପ୍ରତିଶତ ଲୋକସଭା ସିଟ ଦେଇ ଭାରତ ବର୍ଷରେ ଉଦାହରଣ ସୃଷ୍ଟି କରିଛି ବୋଲି ବିଧାୟକ କହିଛନ୍ତି। ଜିଲାସ୍ତରୀୟ ମହିଳା ସମାବେଶ ସହ ନିର୍ବାଚନ ମଣ୍ଡଳୀ ସ୍ତରୀୟ ମହିଳା ବିଜେଡି କାର୍ଯ୍ୟକାରିଣୀ ବୈଠକ ଭିଡିଓ କନଫରେନ୍ସ ମାଧମରେ ଯୋଡ଼ି ହୋଇଥିଲେ। ଛତ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ଅଧକ୍ଷ ଏମ ଧନଞ୍ଜୟ ରେଡ୍ଡୀ, ବ୍ଲକ ଉପାଧକ୍ଷା ଅମିତା ସାହୁ, ଛତ୍ରପୁର ଏନଏସି ପୂର୍ବତନ ଅଧକ୍ଷା ଜି.ଆରତୀ, ନଗର ଯୁବ ସଭାପତି ଟି. ଚନ୍ଦ୍ରଶେଖର ରାଓ, ଜି. ପାପା ରାଓ, ନଗର ବିଜେଡି ସଭାପତି ବି.ରାଜିବାବୁ, ପୂର୍ବତନ ଉପାଧକ୍ଷ ପ୍ରଦୋଷ କୁମାର ବେହେରା, ଏନ ନାଗେଶର ରାଓ ସମେତ ବହୁ ମହିଳା ବିଜେଡିର କର୍ମୀ ଓ ନେତ୍ରୀ ଉପସ୍ଥିତ ଥିଲେ।

## ବିପିନ ହତ୍ୟା ମାମଲା କୋର୍ଟରେ ହାଜର ହେଲେ ଅଭିଯୁକ୍ତ ବିକ୍ରମ

ଭଞ୍ଜନଗର,୬।୧(ଡି.ଏନ୍.ଏ.):୨୦୦୮ରେ ଭଞ୍ଜନଗର ଥାନା ସମ୍ମୁଖରେ ବିପିନ ଭୋଳଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଗିରଫ ହୋଇ ସମ୍ବଲପୁର ଜେଲରେ ଥିବା ଅଭିଯୁକ୍ତ ବିକ୍ରମ ମଲ୍ଲିକଙ୍କୁ ପୋଲିସ ଗୁରୁବାର ଭଞ୍ଜନଗର ଏସ୍‌ଡିଜେଏମ କୋର୍ଟରେ ହାଜର କରିଛି । ପରେ ଏସ୍‌ଡିଜେଏମ ମନସ୍ୱିନୀ ରଥ ମାମଲାର ବିଚାର ପାଇଁ ଏଡିଜେ କୋର୍ଟକୁ ପଠାଇ ଦେଇଛନ୍ତି । ବିକ୍ରମଙ୍କୁ କଡା ସୁରକ୍ଷା ମଧରେ ସମ୍ବଲପୁରରୁ ଭଞ୍ଜନଗର କୋର୍ଟକୁ ଅଣାଯାଇଥିଲା। ମୁଦାଲାଙ୍କ ପକ୍ଷରୁ ପୀତବାସ ବିଶୋଇ ମାମଲା ପରିଚାଳନା କରୁଛନ୍ତି।

**କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

## ମାର୍କଣ୍ଡେଶ୍ୱରକୁ ହରାଇ ନାକାରାମ ବିଜୟୀ

ଗୋପାଳପୁର,୬।୧(ଡି.ଏନ.ଏ.):ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଚିକରଡ଼ା ଗ୍ରାମରେ ମା' ବୁଢ଼ୀ ଠାକୁରାଣୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସ, ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷା ସିଏଚ୍ ଉଷାରାଣୀ, ଉପାଧକ୍ଷ ଅଜିତ କୁମାର ଦାଶ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ୧୬ଟି ଟିମ୍ ଏଥିରେ ସାମିଲ ହୋଇଥିବା ବେଳେ ପ୍ରଥମ ଦିବସରେ ନାକାରାମ ଓ ମାର୍କଣ୍ଡେଶ୍ୱର ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଇନିଂସରେ ନାକାରାମ ଟିମ୍ ୧୨ ଓଭରରେ ୬ ଉଇକେଟରେ ୧୩୨ ରନ କରିଥିଲା। ଏହାର ଜବାବରେ ମାର୍କଣ୍ଡେଶ୍ୱର ଟିମ୍ ୧୧ ଓଭର ୪ ବଲରେ ୭୬ ରନ କରି ଅଲଆଉଟ ହୋଇଯାଇଥିଲା। ଜଗନ୍ନାଥ ସେଠୀ ଓ ଅସନ୍ତୁଲୁ ରେଡ୍ଡୀ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କେଲୁଆପଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ବ୍ଲକ ଯୁବ ବିଜେଡି ସଭାପତି ବିନୋଦ କୁମାର ଗୌଡ଼, ନାଗେଶ୍ୱରୀ ରେଡ୍ଡୀ, ସିଏଚ୍ ଭରତ ପାତ୍ର, ରାମହରି ପାତ୍ର, ଅଜିତ କୁମାର ରାଉଳ, ମୁନା ନାୟକ, ନରେଶ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆଙ୍କୁଲିରେ ଧାନମଣ୍ଡି ଖୋଲିବା ଦାବି

### ସିପିଏମ୍ କୃଷକ ସଭାର ବିକ୍ଷୋଭ

ବ୍ରହ୍ମପୁର ଅଫିସ,୬।୧

ବ୍ରହ୍ମପୁର ଶିଳ୍ପାଞ୍ଚଳ ଆଙ୍କୁଲିରେ ଧାନମଣ୍ଡି ଖୋଲିବା ଦାବିରେ ବ୍ରହ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ଗୁରୁବାର ସିପିଏମ୍‌ର କୃଷକ ସଭା ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ସରକାର ଚାଷୀଙ୍କ ସବୁ ଧାନ କିଣିବା ସହ ସେ ବାବଦ ଟଙ୍କା ତୁରନ୍ତ ପୈଠ କରିବାକୁ ନାରାବାଜି କରାଯାଇଥିଲା। ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ଗଞ୍ଜାମ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ବାବୁଲା ନାୟକ, କେଶବ ଗୌଡ଼ଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ଅନେକ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।

ସିପିଏମ୍ ପକ୍ଷରୁ କହିବାନୁସାରେ ଅଞ୍ଚଳର ଚାଷୀମାନେ ସବୁବର୍ଷ ଉତ୍ପାଦିତ ଧାନ ବିକ୍ରିରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଠିକଣା ସମୟରେ ସରକାରୀ ମଣ୍ଡି ଖୋଲାଯାଉନଥିବା ଅଭିଯୋଗ କରାଯାଇଛି। ପାଚିଲା ଧାନ ଅମଳ ହେବାକୁ ଥିବା ବେଳେ ଅଦିନିଆ ବର୍ଷା ଦାଉ ସାଧିଥିଲା। ଯେଉଁ କେତେକ ଧାନ ଅମଳ ହୋଇଛି ତାହା ବିକ୍ରି ପାଇଁ ଏଯାବତ ମଣ୍ଡି ଖୋଲି ନ ଥିବାରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଯାଇଛି। ଅପରପକ୍ଷରେ ପ୍ରାକୃତିକ ବିପର୍ଯ୍ୟୟରେ ବ୍ୟାପକ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାର ନିୟମ ପ୍ରକାରେ ଆର୍ଥିକ ସହାୟତା ଦେବା ପାଇଁ ଆଉ ଏକ ଦାବି ହୋଇଛି। ଭାଗଚାଷୀଙ୍କ ଉତ୍ପାଦିତ ଧାନ ମଧ କିଣିବାକୁ ନିବେଦନ କରାଯାଇଛି। ଉପରୋକ୍ତ ଦାବି ସମ୍ବଳିତ ସ୍ମାରକପତ୍ର ଉପଜିଲାପାଳଙ୍କୁ କୃଷକ ସଭା ପକ୍ଷରୁ ଦିଆଯାଇଥିଲା।

# ୨୬ କେଜି ଗଞ୍ଜେଇ, ବାଇକ୍ ଜବତ



ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ।

### ଦୁର୍ଦ୍ଦାନ୍ତ ରାନୀ ଗିରଫ

ବ୍ରହ୍ମପୁର ଅଫିସ,୬।୧

ଦୀର୍ଘଦିନ ଧରି ଫେରାର ଥିବା ଦୁର୍ଦ୍ଦାନ୍ତ ଅପରାଧୀ ରାଜେଶ ପାଣିଗ୍ରାହୀ ଓରଫ ରାନୀ ପଣ୍ଡାଙ୍କୁ ପୋଲିସ ଗୁରୁବାର କାବୁ କରିଛି। ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଉତ୍ତରାମୁଖୀ ସାହି ଛକ ନିକଟରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ପୋଲିସ ରାନୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଏକ ବାଇକ୍ ଓ ୨୬କେଜି ଗଞ୍ଜେଇ ଜବତ ହୋଇଛି। ନମ୍ବର ୪/୨୨ରେ ରାନୀଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଲକ୍ଷ୍ମୀନୃସିଂହ ସାହିର ରାନୀ ମୁମ୍ବାଇରେ ରହି କାମ କରୁଥିଲେ। ପ୍ରାୟ ବର୍ଷେ ତଳେ ସେ ବ୍ରହ୍ମପୁର ଆସିଥିଲେ। ବ୍ରହ୍ମପୁର ଫେରି ସେ ବିଭିନ୍ନ ଆପରାଧିକ ମାମଲାରେ ଜଡ଼ିତ ରହିଥିଲେ। ତାଙ୍କ ନାମରେ ବିଭିନ୍ନ ଥାନାରେ ୮ ସଙ୍ଗିନ ମାମଲା ରହିଛି। ଗତବର୍ଷ ଜଣେ ବ୍ୟବସାୟୀଙ୍କ ଘର ଉପରକୁ ବୋମାମାଡ଼ ଘଟଣାରେ ପୋଲିସ ରାନୀଙ୍କୁ ଗିରଫ କରିଥିଲା। ପ୍ରାୟ ୪ମାସ ହେଲା ସେ ଜାମିନରେ ଆସିଛନ୍ତି। ଗତ କିଛିଦିନ ତଳେ ପୁରୁଣା ବ୍ରହ୍ମପୁର କୈଳାସନଗରରେ ରହୁଥିବା ଗୋପାଳକୃଷ୍ଣ ପଣ୍ଡାଙ୍କୁ ରାନୀ ଫୋନ୍ କରି ଦାଦାବଟି ମାଗିଥିଲେ। ବଟି ନ ଦେବାରୁ ରାନୀର ସହଯୋଗୀମାନେ ଗତ ମାସ ୨୫ତାରିଖରେ ବ୍ୟବସାୟୀ ଗୋପାଳକୃଷ୍ଣଙ୍କୁ ଖଣ୍ଡାରେ ହାଣିଥିଲେ। ପୋଲିସ ରାନୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଗୁରୁବାର ସକାଳେ ବଡ଼ବଜାର ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଉତ୍ତରାମୁଖୀ ସାହି ଛକରେ ଯାଞ୍ଚ କରୁଥିବା ବେଳେ ତାଙ୍କୁ କାବୁ କରିଥିଲା। ଗଞ୍ଜେଇ ଚାଲାଣ କରୁଥିବା ବେଳେ ସେ ପୋଲିସ ହାତରେ ଧରା ପଡ଼ିଛନ୍ତି।

**କବିସୂର୍ଯ୍ୟନଗର ବିଧାୟିକାଙ୍କ ତୋଫାନୀ ଗସ୍ତ**

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଉଦ୍‌ଘାଟନ

କବିସୂର୍ଯ୍ୟନଗର,୬।୧(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ସହ ମୁକ୍ତା ଯୋଜନା ଏବଂ ବାର୍ଦ୍ଧକ୍ୟ, ବିଧବା ଭତ୍ତା ବଣ୍ଟନ କରିଥିଲେ। ଗୁରୁବାର ପୂର୍ବାହ୍ନରେ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବୁଢ଼ାମ୍ବ ପଞ୍ଚାୟତ ଗୁଡ଼ିଆପଲ୍ଲୀଠାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ, ବୁଢ଼ାମ୍ବଠାରେ ୬ ଶଯ୍ୟା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ, କବିସୂର୍ଯ୍ୟନଗର ବ୍ଲକ ପରିସରରେ ମିଶନ ଶକ୍ତି କୋଠା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଡିଓ ବାସୁଦେବ ନାୟକ ଓ ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢ଼ୀ ଉପସ୍ଥିତ ଥିଲେ।

କବିସୂର୍ଯ୍ୟନଗର ଆଇବି ଛକରେ ୮ ରୁମ୍ ବିଶିଷ୍ଟ ଭେଣ୍ଡିଂ ଜୋନ, ସହରର ଧନେଇ ନଦୀ ନିକଟରେ ଆଇ ଲଭ ୟୁ କବିସୂର୍ଯ୍ୟନଗର, ସରକାରୀ ବାଳିକା ହାଇସ୍କୁଲ ପଛରେ ପାନୀୟ ଜଳ ଯୋଗାଣ ମେଗା ପ୍ରକଳ୍ପ, କବିସୂର୍ଯ୍ୟନଗର କଲ୍ୟାଣ ମଣ୍ଡପଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୁକ୍ତା ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ଓ ୪୭ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଏବଂ ବହୁ ଦିବ୍ୟାଙ୍ଗଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ବେହେରା, ଜିଲା ବିଜେଡି ଉପସଭାପତି ମନୋରଞ୍ଜନ ମହାପାତ୍ର, ରସଲ ଦାସ, ପ୍ରଶ୍ନ ନାୟକ ଓ ସୂର୍ଯ୍ୟନାରାୟଣ ନାୟକ ପ୍ରମୁଖ ବହୁ ବିଜୁକର୍ମୀ ଉପସ୍ଥିତ ଥିଲେ।

## ବୁଗୁଡା ବନାଞ୍ଚଳରେ ୩୩୦୨ ପକ୍ଷୀ

ବୁଗୁଡା,୬।୧(ଡି.ଏନ.ଏ.)

ବୁଗୁଡା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ଏହି ରେଞ୍ଜରେ ପକ୍ଷୀ ଗଣନା କାର୍ଯ୍ୟ ହୋଇଯାଇଛି। ବନାଞ୍ଚଳରେ ବର୍ତ୍ତମାନ ୩୩୦୨ ବିଭିନ୍ନ ଜାତି ଓ ପ୍ରଜାତିର ପକ୍ଷୀ ଥିବା ଜଣାପଡିଛି। ଗଣନାରେ ଡାହୁକ, ସଂସ୍କୃତି, ମାଛରଙ୍କା, ବଗ, ଶଙ୍ଖଚିଲ ଆଦି ବିଭିନ୍ନ ପକ୍ଷୀ ଥିବା ଜଣାପଡିଛି। ଉକ୍ତ ଗଣନା କାର୍ଯ୍ୟ ସକାଳ ୬ଘଣ୍ଟାଠାରୁ ୧୧ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥି ନିମନ୍ତେ ବନାଞ୍ଚଳ ଅନ୍ତର୍ଗତ ୧୨ ଜଳାଶୟରେ କୋଡିଏରୁ ଅଧିକ ବନପାଳ, ବନରକ୍ଷୀ ଓ ବନ କର୍ମଚାରୀ ନିୟୋଜିତ ଥିଲେ। ତେବେ ଗତବର୍ଷ ପକ୍ଷୀ ଗଣନା କାର୍ଯ୍ୟ ପାଇଁ ୨୧ ଜଳାଶୟ ବଛାଯାଇଥିବା ବେଳେ ଚଳିତ ବର୍ଷ ମାତ୍ର ୧୨ ସ୍ଥାନ ନିରୂପଣ ହୋଇଥିଲା। ଗତବର୍ଷ ବୁଗୁଡା ବନାଞ୍ଚଳରେ ୪୪୦୨ ପକ୍ଷୀଗଣନା ହୋଇଥିଲା। ଚଳିତ ବର୍ଷ ଜଳାଶୟ ୧୨ଟିରେ ଗଣନା ହୋଇଥିଲା।

# ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି ଡଷ୍ଟବିନ୍

### ସୋସିଆଲ ମିଡିଆରେ ଫଟୋ ଭାଇରାଲ୍

ରାୟଗଡ଼(ଗଜପତି)୬।୧

ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମା ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଦୀର୍ଘ ବର୍ଷ ହେବ ପରିତ୍ୟକ୍ତ ଅବସ୍ଥାରେ ଡଷ୍ଟବିନ୍ ପଡି ରହିଥିବା ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି।

ରାୟଗଡ଼ ପଞ୍ଚାୟତର ରାୟଗଡ଼ ଗ୍ରାମରେ ଆଜକୁ ପ୍ରାୟ ୧୫ରୁ ୧୭ ବର୍ଷ ହେବ ମୁଖ୍ୟ ରାସ୍ତା ସଫା କରାଯାଇ ନ ଥିବା ବେଳେ ଏଠି ସେଠି ଅଳିଆ ଆବର୍ଜନା ପଡିରହି ଗନ୍ଧ ହୋଇଛି। ବ୍ଲକ ସଦର ମହକୁମା ରାୟଗଡ଼ ପଞ୍ଚାୟତର ରାୟଗଡ଼ ଗ୍ରାମକୁ ସରକାରୀ କିମ୍ବା ବେସରକାରୀ କାମ ନେଇ ଦୈନିକ ପ୍ରାୟ ୨ ହଜାର ଲୋକ ଆସିଥାନ୍ତି। ପ୍ରତ୍ୟେକ ଦିନ ଅଳିଆ ଆବର୍ଜନା ପଡ଼ି ରହୁଛି। ଫଳରେ ମଶା ମାଛିର ପ୍ରାଦୁର୍ଭାବ ବଢ଼ି ଚାଲିଛି। ଏହାକୁ ନେଇ ପରିବେଶବିତ୍‌ମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ରାୟଗଡ଼ ପଞ୍ଚାୟତ ପକ୍ଷରୁ ରାୟଗଡ଼ର ବିଭିନ୍ନ ସ୍ଥାନରେ ଡଷ୍ଟବିନ୍ ରଖିବା ପାଇଁ ଅଣାଯାଇଥିଲା। କିନ୍ତୁ ତାହା ଦୀର୍ଘ ବର୍ଷ ହେବ ସେମିତି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏବେ ତାହା ସୋସିଆଲ ମିଡ଼ିଆରେ ଫଟୋ ଭାଇରାଲ୍ ହେବାରେ ଲାଗିଛି। ଏକ ଡମ୍ପିଂୟାର୍ଡ କରିବା ସହ ଅଳିଆ ସଂଗ୍ରହ ପାଇଁ ଏକ ଗାଡ଼ି ଅଣାହେବା ପରେ ପ୍ରତି ଛକ ଛକରେ ଡଷ୍ଟବିନ୍ ରଖାଯିବ ବୋଲି ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ କହିଛନ୍ତି।



ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି ଡ଼ଷ୍ଟବିନ୍ ।

# ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଶୁଭ ଦେଲେ ବିଧାୟକ


ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଶୁଭ ଦେଉଛନ୍ତି ବିଧାୟକ ।

ଗଞ୍ଜାମ,୬।୧(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ସବ୍‌ରେଜିଷ୍ଟ୍ରାର ଅଫିସଠାରେ ୧ ଲକ୍ଷ ୫୦ହଜାର ଲିଟର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ ହେବ। ଗୁରୁବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଏହାର ଶୁଭ ଦେଇଥିଲେ। ୨୪ ଲକ୍ଷ ୭୧ ହଜାର ଟଙ୍କା ବ୍ୟୟରେ ଦୁଇଟି ପ୍ରକଳ୍ପ ତଥା ପାଇପ୍ ଲାଇନ୍ ଓ ପାଣିଟାଙ୍କି ନିର୍ମାଣ ହେବ। ଏଥିରୁ ଦାମୋଦରପୁର ଓ ପୋତାଗଡ଼କୁ ପାନୀୟ ଜଳ ଯୋଗାଣ ହେବ। ଫଳରେ ପର୍ଯ୍ୟଟକମାନେ ପୋତାଗଡ଼ଠାରେ ପାଇପ ପାଣିର ସୁବିଧା ପାଇପାରିବେ। ବିଧାୟକ ଶୁଭ ଦେବାବେଳେ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠଯନ୍ତ୍ରୀ ଆଶିଷ କୁମାର ବରାଳ, ପୂର୍ବତନ କାଉନସିଲର ଦଣ୍ଡପାଣି ପରିଡା, ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ନଗରପାଳ ନୀଳାଞ୍ଚଳ ବାରିକି, କୈବର୍ତ୍ତ ମହାସଂଘ ସଭାପତି ସନାତନ ବେହେରା, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, ବିଜେଡି ନଗର ସଭାପତି ରାଜୁ ରେଡ୍ଡୀ, ଯୁବନେତା ମନୋଜ ପ୍ରଧାନ ଓ ମୁନା ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ରେଳବାଇରେ ଚାକିରି ନାଁରେ ଠକେଇ, ୨ ଗିରଫ

କାଶୀନଗର,୬।୧

ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ଅନକୋଣ୍ଡା ଗ୍ରାମର ଲିମା ରାଜ କୁମାର ଓ କାଶୀନଗର ନିକଟବର୍ତ୍ତୀ ବଳବାର ଗ୍ରାମର କେ. ଲକ୍ଷ୍ମଣ ରାଓ ଦୁଇଜଣ ବ୍ୟକ୍ତିଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ସେମାନେ ରେଳ ବିଭାଗରେ ଚାକିରି କରାଇ ଦେବା ନାଁରେ ବହୁ ଲୋକଙ୍କୁ ଠକି ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ବୁଦୁରା ପଞ୍ଚାୟତ କିତାଙ୍ଗି ଗ୍ରାମର ଗୋପୀନାଥ ରାଜୁ ଏହି ଅଭିଯୋଗ ଆଣିଥିଲେ। ଏହାର ତଦନ୍ତ କରି ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଆଇଆଇସି ସୁଶାନ୍ତ ସାହୁଙ୍କ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତ ରାଜ କୁମାରଙ୍କଠାରୁ ୨୦ ହଜାର ଟଙ୍କା, ମୋବାଇଲ ଓ ବାଇକ ଜବତ ହୋଇଥିବା ବେଳେ ଲକ୍ଷ୍ମଣ ରାଓଙ୍କଠାରୁ ୪୦ ହଜାର ଟଙ୍କ, ରେଳ ବିଭାଗର ଜାଲ ଡକ୍ୟୁମେଣ୍ଟ, ଦରଖାସ୍ତକାରୀଙ୍କ ବାୟୋଡାଟା ଆଦି ଜବତ କରାଯାଇଛି।

## ସ୍ୱଚ୍ଛତାକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି ।

ଜି.ଉଦୟଗିରି,୬।୧(ଡି.ଏନ.ଏ.)

ସ୍ୱଚ୍ଛ ସର୍ବେକ୍ଷଣ ୨୦୨୨ ଅନ୍ତର୍ଗତ ଜି. ଉଦୟଗିରି ଏନ୍‌ଏସି ତରଫରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ସ୍ୱଚ୍ଛତାକୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଯୋଗଦେଇ ସ୍ୱଚ୍ଛତାକୁ ନେଇ ବିଭିନ୍ନ ଚିତ୍ର ଅଙ୍କନ କରିଥିଲେ, ଯାହାକି ଆମ ସହରକୁ ଆମେ କିଭଳି ସ୍ୱଚ୍ଛ ରଖିବାର ବାର୍ତ୍ତା ଦେଇଥିଲା। ପ୍ରତିଯୋଗିତାରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଆରୋହୀ ପତି, ପୁନମ ପ୍ରଜ୍ଞାନ ସାହୁ, ଇଭାନା ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଭାବେ ମନୋନୀତ ହୋଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ମାନପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସି ତରଫରୁ ସତ୍ୟ ପ୍ରକାଶ ମହାପାତ୍ର, ସରିତା ରଥ, କମ୍ବୁପାଣି ପାଣିଗ୍ରାହୀ, ପ୍ରଭାତ ରଞ୍ଜନ ସାହୁ, ଗଣେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ନିର୍ବାଚନ ବାତିଲ କରାଯାଉ

### ଭାରତୀୟ ବିକାଶ ପରିଷଦର ଦାବି

ବ୍ରହ୍ମପୁର ଅଫିସ,୬।୧

ରାଜ୍ୟରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବାତିଲ କରିବା ପାଇଁ ଭାରତୀୟ ବିକାଶ ପରିଷଦ ଦାବି କରିଛି। ଏହାର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଗୁରୁବାର ଏଠାରେ କହିଛନ୍ତି, ସରକାରଙ୍କ ପ୍ରକାଶିତ ବିଜ୍ଞପ୍ତିରେ ପଛୁଆ ବର୍ଗ (ଓବିସି)ଙ୍କ ପାଇଁ ଆସନ ସଂରକ୍ଷିତ ନ ଥିବା ବେଆଇନ ଓ ସମ୍ବିଧାନ ବିରୋଧୀ ଏବଂ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ ୧୯୬୪ ଓ ନିୟମାବଳୀର ଉଲ୍ଲଂଘନ ହୋଇଛି। ଜାତିଭିତ୍ତିରେ ଓବିସିଙ୍କ ପାଇଁ ଆଇନ ପ୍ରକାରେ ସ୍ଥାନ ସଂରକ୍ଷଣ କରାଯିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ଏହି ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ ନିର୍ବାଚନ କରା ନ ଯିବାକୁ ସେ ଦର୍ଶାଇଛନ୍ତି।

ଅପରପକ୍ଷରେ ମହାମାରୀ କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ରାଜ୍ୟରେ ବଢ଼ି ଚାଲିଛି। ତେଣୁ ସରକାର ବିଭିନ୍ନ କଟକଣା ଜାରି କରିଛନ୍ତି। ଏଭଳି ସ୍ଥିତିରେ ପଞ୍ଚାୟତ ନିର୍ବାଚନ ହେଲେ ରାଜନୈତିକ ଦଳଗୁଡ଼ିକର ପ୍ରଚାର ଜୋରଦାର ହେବ। ଲୋକଙ୍କ ଗହଳି ଦ୍ୱାରା ସଂକ୍ରମଣ ବ୍ୟାପିବ। ତେଣୁ ନିର୍ବାଚନ ବନ୍ଦ କରିବାକୁ ସଭାପତି ପାଣିଗ୍ରାହୀ ରାଜ୍ୟ ନିର୍ବାଚନ କମିଶନଙ୍କୁ ଦାବିପତ୍ର ପଠାଇଛନ୍ତି। ମୁଖ୍ୟ ଶାସନ ସଚିବ ଓ ପଞ୍ଚାୟତିରାଜ ପ୍ରମୁଖ ସଚିବଙ୍କୁ ମଧ ଜଣାଇଛନ୍ତି।

## ବାଲାଜୀ ମହାବିଦ୍ୟାଳୟରେ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ଚିକିଟି,୬।୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଚିକିଟି ବ୍ଲକ୍ ନୂଆପଡା ଗ୍ରାମସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟରେ ଗୁରୁବାର ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଗୁରୁବାର ପ୍ରଥମ ଦିନରେ କୋଭିଡ୍ ଗାଇଡ ଲାଇନ୍ ଅନୁସାରେ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଜଗନ୍ନାଥ ପାତ୍ର ଉପସ୍ଥିତ ରହି ଶତାଧିକ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଯାଇଥିଲା । ଏହିଭଳି ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରମାନଙ୍କୁ ଟିକା ଦିଆଯିବ ବୋଲି ମହାବିଦ୍ୟାଳୟର ଅଧକ୍ଷ ଆକୁଳାନନ୍ଦ ପାଢୀ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗଙ୍ଗାଧର ପ୍ରଧାନ, ଜାତୀୟ ସେବା ଯୋଜନା ଅଧିକାରୀ ଡ. ସୁଦର୍ଶନ ପଟ୍ଟନାୟକ, ୟୁଥ୍ ରେଡକ୍ରସ୍ ଅଧ୍ୟାପକ ସ୍ମୃତିରଞ୍ଜନ ଜେନା, ଲାଇବ୍ରେରି ଆସିଷ୍ଟାଣ୍ଟ ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

ପୋଲସରା,୬।୧(ଡି.ଏନ.ଏ.)

ପୋଲସରା ଲୁଣିଘାଟି ପଡ଼ିଆରେ ଗୁରୁବାର ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭୧ ଜଣଙ୍କର ନାମ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୧୧୪ ଜଣ ଅପରେଶନ ଲାଗି ଚୟନ ହୋଇଥିବା ବେଳେ ୧୧ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୪୦ଜଣଙ୍କୁ ଅପରେଶନ ଲାଗି ନିଆଯାଇଥିଲା।

# ୫୬୫ ହେକ୍ଟର ଜମି ଜଳସେଚନ ଲକ୍ଷ୍ୟ

### ବହୁମୁଖୀ ଜଳ ସଂରକ୍ଷଣ ନଦୀବନ୍ଧର ଶିଳାନ୍ୟାସ

ଦିଗପହଣ୍ଡି,୬।୧(ଡି.ଏନ.ଏ.)

ବାଚସ୍ପତି .ସୂର୍ଯ୍ୟନାରାୟଣ ପାତ୍ର ଗୁରୁବାର ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ଧେରୁଣ୍ଡି, ଜକମେରୀପଲ୍ଲୀଠାରେ ଏକ ବହୁମୁଖୀ ଜଳ ସଂରକ୍ଷଣ ନଦୀବନ୍ଧ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍) ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ରାମନଦୀ ଓ ଘୋଡାହାଡ ନଦୀ ସଙ୍ଗମସ୍ଥଳରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଏହି ପ୍ରକଳ୍ପ ଦ୍ୱାରା ଫାସିଗୁଡା, ଭୀଷ୍ମଗିରି, ମୌଳାଭଞ୍ଜା, ନିମଖଣ୍ଡି ପେଣ୍ଠ, ଚଷାନିମଖଣ୍ଡି ପଞ୍ଚାୟତର ୫୬୫ ହେକ୍ଟର ଚାଷଜମିକୁ ଜଳସେଚନ ଲକ୍ଷ୍ୟ ରଖାଯାଇଛି। ୧୫ ଦିନ ମଧରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମେଗା ଉଠା ଜଳସେଚନ ବିଭାଗ ଏହି ପ୍ରକଳ୍ପରୁ ବିଭିନ୍ନ ଗ୍ରାମକୁ ପାଇପ୍ ଯୋଗେ ଜଳସେଚନ ସବିଧା କରିବାକୁ ପ୍ରସ୍ତାବ ରହିଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ପ୍ରକଳ୍ପର ଆଭିମୁଖ୍ୟ ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଚିକିଟି ଜଳସେଚନ ବିଭାଜନର ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ଦାସଶର୍ମା, ସହକାରୀ ଉପନିର୍ବାହୀ ଯନ୍ତ୍ରୀ ଏ.ଗୋପାଳ ରାଓ, ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ କ୍ଷୀରୋଦ ବେହେରାଙ୍କ ସମେତ ଫାସିଗୁଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୀମାଞ୍ଚଳ ବିଷୋୟୀ, ଅରକ୍ଷିତ ରାଉତ, ନକୁଳ ପ୍ରଧାନ, ଉମା ଚୌଧୁରୀ, ବିପ୍ର ବେହେରା, ଅଜିତ୍ ଗୌଡ, ପାଣ୍ଡବ ଗୌଡଙ୍କ ସମେତ ୧୧ ଖଣ୍ଡ ଗ୍ରାମର ବହୁ ଚାଷୀ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ପନାଡ, କୁରବୁଲି, ଲକ୍ଷ୍ମୀନାରାୟଣପୁର, ଖମାରୀ ଗାଁ ପଞ୍ଚାୟତର ବାରିତୋଳା, ମଣିଡିହ, ବିଜୟନଗରଗଡ, ଖମାରୀ ଗାଁ, ଗୁଲୁଣ୍ଡା, ବାସୁଦେବପୁର ପଞ୍ଚାୟତର ବଜାପଲ୍ଲୀ, ବାସୁଦେବପୁର, ଖଜୁରୀପଲ୍ଲୀ ଗ୍ରାମର ୫ ଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଥିବା ବେଳେ ୧୪ ଗୋଟି ପ୍ରକଳ୍ପର ଉଦ୍‌ଘାଟନ କରି ବ୍ରହ୍ମପୁର ଫେରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର, ବି.କ୍ରିଷ୍ଣାରାଓ ସୁବୁଦ୍ଧି, ରାଧାକାନ୍ତ ମହାଙ୍କୁଡ, କେ.ସନ୍ତୋଷ କୁମାର ପାତ୍ରଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।



ବହୁମୁଖୀ ଜଳ ସଂରକ୍ଷଣ ନଦୀବନ୍ଧର ଶିଳାନ୍ୟାସ କରୁଛନ୍ତି ବାଚସ୍ପତି ।

